## ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

## ଡବ୍ଲ୍ୟୁ.ପି.(ସି) ସଂଖ୍ୟା 32975/2022

(ଭାରତର ସମ୍ବିଧାନ ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ ଏକ ଆବେଦନ)

*ସୁବାସ ବିଶ୍ୱାସ* .... *ଆବେଦନକାରୀ*

*-ବନାମ-*

*ନିର୍ବାଚନ ଅଧିକାରୀ-ତଥା-ବିଡ଼ିଓ,*

*ମହାକାଳପଡ଼ା, କେନ୍ଦ୍ରାପଡ଼ା ଏବଂ ଅନ୍ୟଜଣେ* .... *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ):-

---

ଆବେଦନକାରୀଙ୍କ ପାଇଁ : ଶ୍ରୀଯୁକ୍ତ ଦୟାନନ୍ଦ ମହାପାତ୍ର, ଅଧିବକ୍ତା

ପ୍ରତିପକ୍ଷମାନଙ୍କ ପାଇଁ : ଶ୍ରୀଯୁକ୍ତ ଏସ୍. ପି. ପଣ୍ଡା, ପ୍ରତିପକ୍ଷ 1ଙ୍କ ପାଇଁ ଏ.ଜି.ଏ.
ଶ୍ରୀଯୁକ୍ତ ଏସ୍. କେ. ମିଶ୍ର, ପ୍ରତିପକ୍ଷ 2 ଙ୍କ ପାଇଁ ବରିଷ୍ଠ ଅଧିବକ୍ତା

---

**ପୀଠାସୀନ: ନ୍ୟାୟମୂର୍ତ୍ତି ବି.ପି. ରାଉତରାୟ**

**<u>ରାୟ</u>**

***25 ଜାନୁଆରୀ, 2024***

***ବି.ପି. ରାଉତରାୟ, ନ୍ୟାୟମୂର୍ତ୍ତି***

**1.** ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଡି. ମହାପାତ୍ର , ଶ୍ରୀ ଏସ୍. ପି. ପଣ୍ଡା, ପ୍ରତିପକ୍ଷ ସଂଖ୍ୟା 1ଙ୍କ ବିଜ୍ଞ ଏ.ଜି.ଏ. ଏବଂ ପ୍ରତିପକ୍ଷ ସଂଖ୍ୟା 2 ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଏସ୍.କେ.ମିଶ୍ରଙ୍କୁ ଶୁଣିଲି ।

2. ବିଜ୍ଞ ଦେୱାନୀ ବିଚାରପତି, କେନ୍ଦ୍ରପଡ଼ାଙ୍କ ଦ୍ୱାରା ନିର୍ବାଚନ ବିବିଧ ମାମଲା ସଂଖ୍ୟା 3/22 ରେ ପାରିତ ହୋଇଥିବା 17 ନଭେମ୍ବର, 2022 ତାରିଖର ଆକ୍ଷେପିତ ଆଦେଶ ବିରୁଦ୍ଧରେ ବର୍ତ୍ତମାନର ରିଟ୍ ଆବେଦନ ଆଗତ ହୋଇଛି, ଯେଉଁଥିରେ ନିର୍ବାଚନ ଆବେଦନର ସଂଶୋଧନ ପାଇଁ ପ୍ରାର୍ଥନାକୁ ଅନୁମତି ଦିଆଯାଇଛି । ଏହା ନିର୍ବାଚିତ ପ୍ରାର୍ଥୀଙ୍କ ଦ୍ୱାରା ଆପତ୍ତି କରାଯାଇଛି ।

3. ବର୍ତ୍ତମାନର ଆବେଦନକାରୀ (ନିର୍ବାଚିତ ପ୍ରାର୍ଥୀ)ଙ୍କ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ମହାପାତ୍ର ଉପସ୍ଥାପନା କରିଛନ୍ତି ଯେ, ନିର୍ବାଚନ ଆବେଦନର ସଂଶୋଧନକୁ ଅନୁମତି ଦେଉଥିବା ଆବେଦନ ବେଆଇନ ଅଟେ କାରଣ ନୂତନ ତଥ୍ୟ, ଯାହା ମୂଳ ବାଦପତ୍ରରେ ହିଁ ଅଣାଯାଇ ପାରିଥାନ୍ତା, ତାହା ନଥିରେ ଆଣିବାକୁ ଅନୁମତି ଦିଆଯାଇଛି । ସେ ଆହୁରି ମଧ୍ୟ ଉପସ୍ଥାପନ କରନ୍ତି ଯେ, ନିର୍ବାଚନ ଆବେଦନକାରୀ ମାମଲା ଦାଖଲ କରିବା ସମୟରେ ନିଜର ଅଭିବଚନ କରିବାରେ ଯଥେଷ୍ଟ ଉଦ୍ୟମୀ ନଥିଲେ ଏବଂ ଆବେଦନର ନମୁନା ପ୍ରସ୍ତୁତ କରିବାରେ ନିର୍ବାଚନ ଆବେଦନକାରୀଙ୍କ ତରଫରୁ ସମ୍ୟକ ତତ୍ପରତା ଅଭାବରୁ, ବିଶେଷ କରି ଏକ ନିର୍ବାଚନ ଆବେଦନରେ ତ୍ରୁଟିଗୁଡିକ ପରବର୍ତ୍ତୀ ପର୍ଯ୍ୟାୟରେ ସଂଶୋଧନ ମାଧ୍ୟମରେ ସମାଧାନ ହୋଇପାରିବ ନାହିଁ ।

4. ବର୍ତ୍ତମାନର ପ୍ରତିପକ୍ଷ (ନିର୍ବାଚନ ଆବେଦନକାରୀ)ଙ୍କ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ମିଶ୍ର ତାଙ୍କ ଉତ୍ତରରେ ଉପସ୍ଥାପନ କରିଛନ୍ତି ଯେ, ବିଜ୍ଞ ଦେୱାନୀ ବିଚାରପତିଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ଏବଂ ଅନୁମତି ଦିଆଯାଇଥିବା ପ୍ରସ୍ତାବିତ ସଂଶୋଧନ ନଥିରେ କୌଣସି ନୂତନ ତଥ୍ୟ ଆଣି ନାହିଁ ଏବଂ ଏହା କିଛି ଅନବଧାନରେ ମୁଦ୍ରଣ ତ୍ରୁଟିର ସଂଶୋଧନ ପାଇଁ ଅଟେ । ସେ ଆହୁରି ଉପସ୍ଥାପନା କରିଛନ୍ତି ଯେ ପ୍ରସ୍ତାବିତ ସଂଶୋଧନ ମାମଲାର ପ୍ରକୃତି ଏବଂ ସ୍ୱରୂପକୁ ପରିବର୍ତ୍ତନ କରେ ନାହିଁ ଏବଂ ଉପସ୍ଥାପନାଗୁଡ଼ିକୁ ସବିସ୍ତାର କରିବା ବ୍ୟତୀତ ନଥିରେ କୌଣସି ନୂତନ ତଥ୍ୟ ଆଣି ନାହିଁ ।

5. ପ୍ରାରମ୍ଭରେ ଏହା ଉଲ୍ଲେଖ କରାଯିବା ଆବଶ୍ୟକ ଯେ, ଅନୁରୋଧ କରାଯାଇଥିବା ସଂଶୋଧନ ଡବ୍ଲ୍ୟୁ.ଏସ୍. ଦାଖଲ କରିବା ପରେ ଏବଂ ବିଚାର ଆରମ୍ଭ ହେବା ପୂର୍ବରୁ ହୋଇଛି । ପ୍ରସଙ୍ଗ ପ୍ରସ୍ତୁତ କରିବା ପୂର୍ବରୁ ଏହା ପ୍ରାର୍ଥନା କରାଯାଇଥିଲା ।

ଦୁଇରୁ ଅଧିକ ସନ୍ତାନ ଥିବା କାରଣରୁ ନିର୍ବାଚିତ ପ୍ରାର୍ଥୀଙ୍କ ନିର୍ବାଚନକୁ ଅବିଧିମାନ୍ୟ ଏବଂ ଅସିଦ୍ଧ ଘୋଷଣା କରିବାକୁ ଅନୁରୋଧ କରି ନିର୍ବାଚନ ଆବେଦନ ଦାଖଲ କରାଯାଇଛି । ବାଦପତ୍ରର ନିଶ୍ଚିତ କଥନ ଅନୁଯାୟୀ, ନିର୍ବାଚିତ ପ୍ରାର୍ଥୀଙ୍କ ଦ୍ୱାରା ଜନ୍ମ ହୋଇଥିବା ତିନି ପିଲାଙ୍କ ନାମ ସେମାନଙ୍କ ଜନ୍ମ ତାରିଖ

ସହିତ ଉପଲବ୍ଧ କରାଯାଇଛି । ତଥାପି ପିଲାମାନଙ୍କ ନାମରେ ଭୁଲ ଥିଲା । ସଂଶୋଧନ ଦ୍ୱାରା ସେମାନଙ୍କ ନାମ ଠିକ କରାଯାଇଥିଲା ଏବଂ ସେମାନଙ୍କ ବିଦ୍ୟାଳୟ ନାମଲେଖା କାଗଜପତ୍ର ଇତ୍ୟାଦି ବିଷୟରେ କିଛି ଦସ୍ତାବିଜଗୁଡ଼ିକ ନଥିଭୁକ୍ତ କରାଯାଇଥିଲା ।

6. ସଂଲଗ୍ନକ-1 ଅଧୀନରେ ଦାଖଲ ହୋଇଥିବା ବାଦପତ୍ରର ନକଲ ଏବଂ ସଂଲଗ୍ନକ-2 ଅଧୀନରେ ସଂଶୋଧନ ଆବେଦନର ଅନୁଧ୍ୟାନ ପରେ, ଏହି ନ୍ୟାୟାଳୟ ବିଜ୍ଞ ବିଚାର କରୁଥିବା ନ୍ୟାୟାଳୟଙ୍କ ସିଦ୍ଧାନ୍ତ ସହିତ ସହମତ ଅଟନ୍ତି ଯାହା ପ୍ରସ୍ତାବିତ ସଂଶୋଧନ ନିର୍ବାଚନ ଆବେଦନର ପ୍ରକୃତି ଏବଂ ସ୍ୱରୂପକୁ ପରିବର୍ତ୍ତନ କରେ ନାହିଁ ।

7. ସଂଶୋଧନ ଦ୍ୱାରା ନୂତନ ତଥ୍ୟକୁ ନଥିରେ ଆଣିବା ସମ୍ବନ୍ଧୀୟ ନିବେଦନ ବିଷୟରେ, ଶ୍ରୀ ମହାପାତ୍ର, ***ଅଶୋକ କୁମାର ଗେଡ଼ି ବନାମ ଜ୍ୟୋତିର୍ମୟୀ ବେହେରା ଏବଂ ଅନ୍ୟମାନେ, 2022 (II) OLR 863*** ମାମଲାରେ ଏହି ନ୍ୟାୟାଳୟର ଏକ ନିଷ୍ପତ୍ତି ଉପରେ ନିର୍ଭର କରନ୍ତି, ଏହା ଯୁକ୍ତି କରିବାକୁ ଯେ ସଂଶୋଧନ ପାଇଁ ଅନୁରୋଧକୁ ଏକ ନୂତନ ତଥ୍ୟ କିମ୍ବା ଆପତ୍ତି କରିବାର ନୂତନ ଆଧାର ଆଣିବାକୁ ଅନୁମତି ଦିଆଯାଇପାରିବ ନାହିଁ । ଉକ୍ତ ମାମଲାର ଅଭିବଚନରେ କରାଯାଇଥିବା କେତେକ ତ୍ରୁଟିକୁ ଦୂର କରିବା ପାଇଁ ସଂଶୋଧନ କରାଯାଇଥିଲା ଏବଂ ନ୍ୟାୟାଳୟଙ୍କ ମତରେ ଏହିପରି ଭୁଲ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅନ୍ତର୍ନିହିତ ଭୁଲ ଥିଲା । ଏହି ଅଦାଲତ ଏହି ସିଦ୍ଧାନ୍ତ ଦେଇଥିଲେ ଯେ ସଂଶୋଧନକୁ ଅନୁମତି ଦେବାରେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଅନୌପଚାରିକ ପ୍ରୟାସ କରାଯାଇଥିଲା, ତାହା ନିମ୍ନମତେ ଦର୍ଶାଯାଇଛି :-

> "6. ଆକ୍ଷେପିତ ଆଦେଶରେ ଦିଆଯାଇଥିବା ଯୁକ୍ତିକୁ ଅନୁଧ୍ୟାନ କରି, ଆବେଦନକାରୀ ମାମଲାରେ ଭୂମି ଅଧିନିୟମର ସମର୍ଥନ ପାଇଁ ଏବଂ ଏହିପରି ବିବାଦ ଆଣିବାରେ ସୀମାବଦ୍ଧତା ସହିତ ଜଡ଼ିତ ସ୍ପଷ୍ଟ ପ୍ରତିବନ୍ଧକ ପାଇଁ, ଏହି ନ୍ୟାୟାଳୟ ଅଭିଲେଖନ କରିଛନ୍ତି ଯେ, ଏହିପରି ସଂଶୋଧନ ଆବେଦନ ଉପରେ ବିଶେଷ କରି ନିର୍ବାଚନ ବିବାଦ ସହିତ ଜଡ଼ିତ ବିଚାର କରିବାରେ, ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଅନୌପଚାରିକ ପ୍ରୟାସ ହୋଇଛି । ଯେହେତୁ ସଂଶୋଧନ ଆବେଦନର ବିଚାରହୀନ ସମାଧାନ ଅଛି ଏବଂ କ୍ଷମତାର ବେଆଇନ

HIGH COURT ORISSA
सत्यमेव जयते

ପ୍ରୟୋଗରେ ଏହିପରି ଆବେଦନକୁ ଅନୁମତି ଦେବା, ପ୍ରାୟ ନିର୍ବାଚନ ବିବାଦର ଦାଖଲ ଅବଧି ବୃଦ୍ଧି କରିବାର ପ୍ରୟାସ ସହିତ ଜଡ଼ିତ, ଯଦିଓ ଏପରି କୌଣସି କ୍ଷମତା ନାହିଁ, ଏହି ନ୍ୟାୟାଳୟ ସଂଲଗ୍ନକ-5 ରେ ଥିବା ଏହି ଆଦେଶକୁ ହସ୍ତକ୍ଷେପ କରି ଏହାକୁ ରଦ୍ଦ କରୁଛନ୍ତି ।

ଆହୁରି, ***ହରିଶ ଚନ୍ଦ୍ର ବାଜପେୟୀ ବନାମ ତ୍ରିଲୋକୀ ସିଂହ, AIR 1957 SC 454*** ରେ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ମନ୍ତବ୍ୟ କରାଯାଇଛି ଯେ ସଂଶୋଧନ କରିବାର କ୍ଷମତା, ଅଭିଯୋଗର ନୂତନ ଆଧାର ଉଠାଇବା କିମ୍ବା ମକଦ୍ଦମାର ସ୍ୱରୂପକୁ ପରିବର୍ତ୍ତନ କରିବା ପାଇଁ ପ୍ରୟୋଗ କରାଯାଇପାରିବ ନାହିଁ ।

୫. ତତ୍କାଳୀନ ମାମଲାରେ, ନଥିର ଅନୁଧ୍ୟାନ ପରେ, ଏହା ଲକ୍ଷ୍ୟ କରାଯାଇଛି ଯେ, ପ୍ରସ୍ତାବିତ ସଂଶୋଧନଗୁଡ଼ିକ ନୂତନ ତଥ୍ୟ ଆଣିବାର ପ୍ରଭାବ ନୁହେଁ, ବରଂ ଏହା ବାଦପତ୍ର (ନିର୍ବାଚନ ଆବେଦନ) ରେ ପୂର୍ବରୁ ନିଆଯାଇଥିବା ଅଭିବଚନକୁ ସବିସ୍ତାର କରୁଛି । ତେଣୁ, ଅନୁରୋଧ କରାଯାଇଥିବା ସଂଶୋଧନଗୁଡ଼ିକ କୌଣସି ନୂତନ ତଥ୍ୟ ଆଣେ ନାହିଁ କିମ୍ବା ଏହା ମାମଲାର ପ୍ରକୃତି ଏବଂ ସ୍ୱରୂପକୁ ପ୍ରଭାବିତ କରେ ନାହିଁ ବରଂ କେବଳ ଅଭିବଚନକୁ ସବିସ୍ତାର କରେ । ଏହା ଆଉ ନିଷ୍ପତ୍ତି ନହୋଇଥିବା ବିଷୟ ନୁହେଁ ଯେ ଉପଯୁକ୍ତ ପର୍ଯ୍ୟାୟରେ ଏହାକୁ ଦାଖଲ କରିବା ଆଧାରରେ ସଂଶୋଧନ ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଏହା ମକଦ୍ଦମାର ପ୍ରକୃତି ଏବଂ ସ୍ୱରୂପକୁ ପରିବର୍ତ୍ତନ କରେ ନାହିଁ (ଦେଖନ୍ତୁ *ଆନିଗ୍ଲେସ୍ ଯୋହାନନ୍ ବନାମ ରାମଲତା ଏବଂ ଅନ୍ୟମାନେ, (2005) 7 SCC 534, ଅଜେନ୍ଦ୍ରପ୍ରସାଦଜୀ ଏନ୍. ପାଣ୍ଡେ ଏବଂ ଅନ୍ୟ ଜଣେ ବନାମ ସ୍ୱାମୀ କେଶବପ୍ରକାଶଦାସଜୀ ଏନ୍. ଏବଂ ଅନ୍ୟମାନେ, (2006) 12 SCC 1, ଚନ୍ଦେର କାନ୍ତ ବଂଶଲ ବନାମ ରାଜିନ୍ଦର ସିଂ ଆନନ୍ଦ, (2008) 5 SCC 117, ଏଲ୍. ଆର୍. ଏସ୍. ମାଧ୍ୟମରେ ରାଜକୁମାର ଗୁରୱାର୍ଡ (ମୃତକ) ବନାମ ଏସ୍. କେ. ସର୍ବାଗୀ ଆଣ୍ଡ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ଏବଂ ଅନ୍ୟଜଣେ, (2008) 14 SCC 364, ବିଦ୍ୟାବାଈ ଏବଂ ଅନ୍ୟମାନେ ବନାମ ପଦ୍ମଲଥା ଏବଂ ଅନ୍ୟଜଣେ, (2009) 2 SCC 409,*

*ଏଲ.ଆର.ଏସ୍  ମାଧ୍ୟମରେ ମାନ କୌର (ମୃତକ) ବନାମ ହରତର ସିଂହ ସଂଘ, (2010) 10 SCC 512, ଦିବାକର ପାତ୍ର ବନାମ ଜଟାଧାରୀ ମିଶ୍ର, 2005 (II) OLR 628)*

9. ଶ୍ରୀ ମହାପାତ୍ର ଆହୁରି ଯୁକ୍ତି କରିଛନ୍ତି ଯେ, ନିର୍ବାଚନ ଆବେଦନରେ ଏଭଳି ତଥ୍ୟ ଆଣିବାରେ ନିର୍ବାଚନ ଆବେଦନକାରୀଙ୍କ ତରଫରୁ ସମ୍ୟକ ତତ୍ପରତାର ଅଭାବ ଥିଲା ଏବଂ ତେଣୁ, ପ୍ରସ୍ତାବିତ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ ଏବଂ ତାଙ୍କ ନିବେଦନର ସପକ୍ଷରେ ସେ ***ଜେ. ସାମୁଏଲ ଏବଂ ଅନ୍ୟମାନେ ବନାମ ଗଟ୍ଟୁ ମହେଶ ଏବଂ ଅନ୍ୟମାନେ, (2012) 2 SCC 300***, ଉପରେ ନିର୍ଭର କରନ୍ତି ଯେଉଁଥିରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିମ୍ନମତେ ଦର୍ଶାଇଛନ୍ତି:-

" XXXX.. .. XXXX.. ..

19. ସମ୍ୟକ ତତ୍ପରତା  ଏକ ଧାରଣା ଯାହା ନିର୍ଦ୍ଦିଷ୍ଟ ପ୍ରକାରର ପ୍ରତିକାର ପାଇଁ ଅନୁରୋଧ କରିବା ପୂର୍ବରୁ  ଯୁକ୍ତିଯୁକ୍ତ ତଦନ୍ତ ଆବଶ୍ୟକ ଅଟେ । ଏକ ପ୍ରତ୍ୟାଶିତ ପ୍ରତିକାର ହାସଲ କରିବା ପାଇଁ ନ୍ୟାୟିକ ପ୍ରଣାଳୀ ବ୍ୟବହାର କରିବାକୁ ଚାହୁଁଥିବା ଏକ ପକ୍ଷ ପାଇଁ ନିଷ୍ଠାପର ଉଦ୍ୟମ ଆବଶ୍ୟକ ଅଟେ । ଜଣକୁ ପ୍ରତିନିଧିତ୍ୱ କରୁଥିବା ଜଣେ ଅଧିବକ୍ତା ଏହା ନିର୍ଦ୍ଧାରଣ କରିବା ପାଇଁ ସମ୍ୟକ ତତ୍ପରତା କରିବା ଆବଶ୍ୟକ ଯେ, ଦିଆଯାଇଥିବା ଉପସ୍ଥାପନାଗୁଡ଼ିକ ବାସ୍ତବ ଦୃଷ୍ଟିରୁ ସଠିକ୍ ଏବଂ ଯଥେଷ୍ଟ।'ସମ୍ୟକ ତତ୍ପରତା' ଶବ୍ଦଟି ସଂହିତାରେ ବିଶେଷ ଭାବରେ ବ୍ୟବହୃତ ହୋଇଛି ଯାହା ଦ୍ୱାରା ବିଚାର ଆରମ୍ଭ ହେବା ପରେ ଅନୁରୋଧ କରାଯାଇଥିବା ସଂଶୋଧନର ପରିସ୍ଥିତିରେ ବିବେକ ପ୍ରୟୋଗ କରାଯିବ କି ନାହିଁ ତାହା ସ୍ଥିର କରିବା ପାଇଁ ଏକ ପରୀକ୍ଷା କରିଥାଏ  ।

20. ଏକ ଦାବିରୁ ଉପୁଜିଥିବା ପ୍ରତିକାର ପାଇଁ ଅନୁରୋଧ କରୁଥିବା ଏକ ପକ୍ଷ ସମ୍ୟକ ତତ୍ପରତା କରିବା ଆବଶ୍ୟକ ଏବଂ ଏହା ଏକ ଆବଶ୍ୟକତା ଯାହାକୁ ପରିହାର କରାଯାଇପାରିବ ନାହିଁ । "ସମ୍ୟକ ତତ୍ପରତା" ଶବ୍ଦଟି ପକ୍ଷର ଗଠନମୂଳକ ଜ୍ଞାନ, ଦାବିର ପରିସର ନିର୍ଦ୍ଧାରଣ କରିଥାଏ ଏବଂ ମକଦ୍ଦମାର ଫଳାଫଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

21. ପ୍ରଦତ୍ତ ତଥ୍ୟଗୁଡିକରେ, 'ସମ୍ୟକ ତତ୍ପରତା' ର ଏକ ସ୍ପଷ୍ଟ ଅଭାବ ରହିଛି ଏବଂ କରାଯାଇଥିବା ଭୁଲ ନିଶ୍ଚିତ ଭାବରେ ଏକ ମୁଦ୍ରଣ ତ୍ରୁଟି ସମୀକ୍ଷା ମଧ୍ୟରେ ଆସେ ନାହିଁ । ଛପିବା/ମୁଦ୍ରଣ ପ୍ରକ୍ରିୟା ସମୟରେ ଛପା/ମୁଦ୍ରିତ ହୋଇଥିବା ତଥ୍ୟରେ ହୋଇଥିବା ଏକ ଭୁଲ ଭାବରେ "ମୁଦ୍ରଣ ତ୍ରୁଟି" ଶବ୍ଦଟି ବ୍ୟାଖ୍ୟା କରାଯାଇଛି । ଏହି ଶବ୍ଦଟି ଯାନ୍ତ୍ରିକ ବିଫଳତା କିମ୍ବା

ହାତ କିମ୍ବା ଆଙ୍ଗୁଠିର ଖସିଯିବା କାରଣରୁ ତ୍ରୁଟିକୁ ଅନ୍ତର୍ଭୁକ୍ତ କରେ, କିନ୍ତୁ ସାଧାରଣତଃ ଅଜ୍ଞତାର ତ୍ରୁଟିକୁ ବାଦ ଦିଏ । ତେଣୁ ଯେଉଁ କାର୍ଯ୍ୟ ଯାହା କରିବା ବାଧ୍ୟତାମୂଳକ ତାହାକୁ ଅବହେଳା କରିବାର କାର୍ଯ୍ୟକୁ ମୁଦ୍ରଣ ତ୍ରୁଟି କୁହାଯାଇପାରିବ ନାହିଁ । ଫଳସ୍ୱରୂପ, ଏହି ପରିପ୍ରେକ୍ଷୀରେ ମୁଦ୍ରଣ ତ୍ରୁଟି ଆଳକୁ ଗ୍ରହଣ କରାଯାଇପାରିବ ନାହିଁ, କାରଣ ଏହି ପରିସ୍ଥିତିରେ ସମ୍ୟକ ତତ୍ପରତାର ଅଭାବ ରହିଛି, ଯେଉଁଥିରେ ଏହି ସଂଶୋଧନ ସଂହିତା ଅଧୀନରେ ସୂଚିତ ଭାବେ ନିଷିଦ୍ଧ କରାଯାଇଛି ।

22. ମୁଦ୍ରଣଗତ ତ୍ରୁଟି/ଭୁଲର ଦାବି ଭିତ୍ତିହୀନ ଏବଂ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ । ବାସ୍ତବରେ, ବାଦପତ୍ର ପ୍ରସ୍ତୁତ କରିଥିବା ବ୍ୟକ୍ତି, ସ୍ୱାକ୍ଷର କରିଥିବା ଏବଂ ଅଭିଯୋଗକୁ ଯାଞ୍ଚ କରିଥିବା ବ୍ୟକ୍ତି ଯଦି କିଛି ଧ୍ୟାନ ଦେଇଥାନ୍ତେ, ତେବେ ଏହି ତ୍ରୁଟି ସେଠାରେ ହିଁ ଲକ୍ଷ୍ୟ କରାଯାଇ ପାରିଥାନ୍ତା ଏବଂ ସଂଶୋଧନ କରାଯାଇ ପାରିଥାନ୍ତା । ଏପରି ପରିସ୍ଥିତିରେ, ଏହା ବ୍ୟାଖ୍ୟା କରାଯାଇପାରିବ ନାହିଁ ଯେ ସମ୍ୟକ ତତ୍ପରତା ପାଳନ କରାଯାଇଥିଲା ଏବଂ କୌଣସି ପରିସ୍ଥିତିରେ, 3 ରୁ 4 ଟି ବାକ୍ୟରେ ଚାଲୁଥିବା ବାଧ୍ୟତାମୂଳକ ଆବଶ୍ୟକତାକୁ ବାଦ ଦେବା ବାଦୀମାନଙ୍କ ଦ୍ୱାରା ଦାବି କରାଯାଇଥିବା ପରି ମୁଦ୍ରଣ ତ୍ରୁଟି ହୋଇପାରିବ ନାହିଁ । ଏହି ସମସ୍ତ ଦୃଷ୍ଟିକୋଣକୁ ବିଚାର କରୁଥିବା ନ୍ୟାୟାଳୟ ସଠିକ ଭାବରେ ବିଚାର କରିଛନ୍ତି ଏବଂ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟ ଏହାକୁ ଏକ ମୁଦ୍ରଣ ତ୍ରୁଟି ଭାବେ ଉଲ୍ଲେଖ କରିବା ଏବଂ ଏହା ଏକ ଆକସ୍ମିକ ତ୍ରୁଟି ବୋଲି ଏହି ବ୍ୟାଖ୍ୟାକୁ ସ୍ୱୀକାର କରିବାରେ ତ୍ରୁଟି କରିଛନ୍ତି । XX.. .. XX.. .. "

10. ଶ୍ରୀ ମହାପାତ୍ରଙ୍କ ଦ୍ୱାରା ନିର୍ଭର କରାଯାଇଥିବା ଉପରୋକ୍ତ ମାମଲା ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଏକ ମକଦ୍ଦମା ଥିଲା ଯେଉଁଠାରେ ଚୁକ୍ତିନାମା ପ୍ରଦାନ ଏବଂ ଗ୍ରହଣ କରିବାର ବାଧ୍ୟତାମୂଳକ ଆବଶ୍ୟକତା ନିବେଦନ କରାଯାଇ ନଥିଲା । କିନ୍ତୁ ବର୍ତ୍ତମାନ ମାମଲାରେ ,ଏହା ଏକ ନିର୍ବାଚନ ବିବାଦ ଏବଂ ସଂଶୋଧନ ମାଧ୍ୟମରେ କୌଣସି ନୂତନ ତଥ୍ୟ ନଥିରେ ଆଣିବାକୁ ଚେଷ୍ଟା କରାଯାଇ ନାହିଁ ବୋଲି ବିଚାର କରି, ଏହି ନ୍ୟାୟାଳୟଙ୍କ ମତରେ, ଉପରୋକ୍ତ ମାମଲା ମାମଲାର ବର୍ତ୍ତମାନର ତଥ୍ୟରେ ପ୍ରଯୁଜ୍ୟ ହେବ ନାହିଁ । ଏହା ଆହୁରି ମଧ୍ୟ ପରିଲକ୍ଷିତ ହୋଇଛି ଯେ, ଏହା ମତ ରଖିବା ଠିକ୍ ହେବ ନାହିଁ ଯେ ନିର୍ବାଚନ ଆବେଦନକାରୀ ଦ୍ୱାରା ବାଦପତ୍ରରେ ତଥ୍ୟର ବିବରଣୀ ଆଣିବା ପାଇଁ ସମ୍ୟକ ତତ୍ପରତାର ଅଭାବ ଥିଲା କାରଣ ନିର୍ବାଚିତ ପ୍ରାର୍ଥୀଙ୍କ ଅଯୋଗ୍ୟତା ବିଷୟରେ ଆବଶ୍ୟକ ଅଭିବଚନଗୁଡ଼ିକ ପୂର୍ବରୁ ଆବଶ୍ୟକୀୟ ନିଶ୍ଚୟ କଥନ ସହ ଥିଲା ।

11. ଏହା ସତ୍ୟ ଯେ ଉକ୍ତ ଅଧିନିୟମର ଧାରା 35 (1) ରେ ଥିବା ବ୍ୟବସ୍ଥା ଅନୁଯାୟୀ ଗ୍ରାମ ପଞ୍ଚାୟତ ଅଧିନିୟମ ଅନୁସାରେ ନିର୍ବାଚନ ମାମଲାରେ ଦେୱାନୀ ପ୍ରକ୍ରିୟା ସଂହିତା ଅନୁଯାୟୀ ଆବେଦନର ସଂଶୋଧନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଥାଏ । ***କାଳନ୍ଦୀ ମଲ୍ଲିକ ବନାମ ଶ୍ରୀଚରଣ ସେଠୀ ଏବଂ ଅନ୍ୟ ଦୁଇ ଜଣ, 2007 (Supp. -II) OLR 62***7 ମାମଲାରେ ଏହି ଅଦାଲତ ପ୍ରାୟ ସମାନ ପ୍ରକୃତିର ଏକ ମାମଲା ପରିଚାଳନା କରୁଥିବାବେଳେ, ଯେଉଁଠାରେ ନିର୍ବାଚିତ ସଦସ୍ୟଙ୍କ ଦୁଇରୁ ଅଧିକ ସନ୍ତାନ ଥିଲା ବୋଲି ଅଯୋଗ୍ୟ ହେବା ପାଇଁ ଆବେଦନ କରାଯାଇଥିଲା, ଏହା ନିମ୍ନମତେ ସ୍ଥିର କରାଯାଇଛି:-

"XX.. .. XX.. .. XX.. ..

ଉପରୋକ୍ତ ସ୍ଥିରୀକୃତ ନୀତିକୁ ଦୃଷ୍ଟିରେ ରଖି ଏବଂ ଏହି ମାମଲାରେ ଜଡ଼ିତ ତଥ୍ୟକୁ ଧ୍ୟାନରେ ରଖି, ଏହା ଦେଖିବାକୁ ମିଳିଛି ଯେ ବିଜ୍ଞ ଦେୱାନୀ ବିଚାରପତି ମତ ଦେଇଛନ୍ତି ଯେ, ଧାରା 25 (1) (v) ଅନୁଯାୟୀ ଉପଲବ୍ଧ ଆଧାରରେ ଆବେଦନକାରୀଙ୍କ ଅଯୋଗ୍ୟତାର ତଥ୍ୟ ପୂର୍ବରୁ ନଥିରେ ଅଛି । ନିର୍ବାଚନ ଆବେଦନ (ଏହି ରିଟ୍ ଆବେଦନ ରେ ପ୍ରତିପକ୍ଷ ସଂଖ୍ୟା 1) କେବଳ ନିର୍ବାଚନ ଆବେଦନ ପ୍ରତିଷ୍ଠା ହେବା ପରେ ପଞ୍ଚମ ପିଲା ବିଷୟରେ ଜାଣିବାକୁ ପାଇଲେ ଏବଂ ତେଣୁ ଏହିପରି ଆବେଦନର ସନ୍ନିବେଶକୁ ତମାଦି କରାଯାଇ ନାହିଁ, ଯେହେତୁ ଏହିପରି ଆଳ ଅନୁଚ୍ଛେଦ-6 ଏବଂ 7 ରେ ନଥିରେ ଉପଲବ୍ଧ । ବିଜ୍ଞ ଦେୱାନୀ ବିଚାରପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଆଭିମୁଖ୍ୟ ବେଆଇନ କିମ୍ବା ଭୁଲ ବୋଲି ଜଣାପଡ଼େ ନାହିଁ । ତେଣୁ, ଆକ୍ଷେପିତ ଆଦେଶରେ ହସ୍ତକ୍ଷେପ କରିବାର କିଛି ନାହିଁ ।

ଆବେଦନକାରୀ ପାଇଁ ବିଜ୍ଞ ଅଧିବକ୍ତା କହିଛନ୍ତି ଯେ, ସେ ଉଠାଇଥିବା ତମାଦି ଆଧାର ସଂଶୋଧନ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଯଥେଷ୍ଟ । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ତାଙ୍କ ପାଇଁ ତମାଦିର ଆଧାର ଉପଲବ୍ଧ ନାହିଁ କାରଣ ଅନୁଚ୍ଛେଦ-6 ରେ ଅଯୋଗ୍ୟତା ନିର୍ଦ୍ଦିଷ୍ଟ ଭାବରେ ଅଭିବଚନ କରାଯାଇଛି ଏବଂ ସଂଶୋଧନ ଅନୁଯାୟୀ କେବଳ ତଥ୍ୟ ଏବଂ ପରିସଂଖ୍ୟାନ ସଂଶୋଧନ କରାଯାଇଛି । ଯାହା ହେଉନା କାହିଁକି, ଯଦି ଏପରି ଏକ ଆଧାର ପ୍ରତ୍ୟୁତ୍ତର/ ବର୍ଣ୍ଣନା ପତ୍ରରେ ଉଠାଯାଏ ଏବଂ ଯଦି ଏପରି ଏକ ପ୍ରସଙ୍ଗ ଉଠାଯାଏ, ତେବେ ଶୁଣାଣି ସମୟରେ ତାହା ବିଜ୍ଞ ଦେୱାନୀ ବିଚାରପତିଙ୍କ ଦ୍ୱାରା ତାଙ୍କ ପାଖରେ ଉପଲବ୍ଧ ତଥ୍ୟ ଏବଂ ସାକ୍ଷ୍ୟ ଆଧାରରେ ଆଇନ ଅନୁଯାୟୀ ବିଚାର କରାଯାଇପାରିବ ।"

12. ବର୍ତ୍ତମାନ ମାମଲାରେ ଜଡ଼ିତ ବ୍ୟାପକ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଅଭିବଚନରେ ଥିବା ସେମାନଙ୍କ ନାମ ଏବଂ ଜନ୍ମ ତାରିଖ ସହିତ ପ୍ରାୟ ତିନୋଟି ଶିଶୁଙ୍କ ସମ୍ପର୍କରେ ଏହା ଅଭିବଚନରେ ପୂର୍ବରୁ ଥିଲା, ଏହି ନ୍ୟାୟାଳୟ ବିଜ୍ଞ ବିଚାର କରୁଥିବା ନ୍ୟାୟାଳୟଙ୍କ ସିଦ୍ଧାନ୍ତ ସହିତ ସମ୍ପୂର୍ଣ୍ଣ ସହମତ ଯାହା ପ୍ରସ୍ତାବିତ ସଂଶୋଧନ ବର୍ତ୍ତମାନର ନିର୍ବାଚନ ମାମଲାର ପ୍ରକୃତି ଏବଂ ସ୍ୱରୂପକୁ ପରିବର୍ତ୍ତନ କରିବ ନାହିଁ ଏବଂ ସଂଶୋଧନରେ ଅଣାଯାଇଥିବା ତଥ୍ୟ ମାମଲାର ନ୍ୟାୟସଙ୍ଗତ ନିଷ୍ପତ୍ତି ପାଇଁ ଆବଶ୍ୟକ । ଏହି ବିଷୟକୁ ଦୃଷ୍ଟିରେ ରଖି ରିଟ୍ ଆବେଦନରେ ଆକ୍ଷେପିତ ଆଦେଶରେ ହସ୍ତକ୍ଷେପ କରିବାର କୌଣସି ଗୁଣ ଦେଖିବାକୁ ମିଳୁନାହିଁ ।

13. ତଦନୁସାରେ ରିଟ୍ ଆବେଦନ ଖାରଜ କରାଯାଉଛି ।

*(ବି.ପି. ରାଉତରାୟ)*
*ନ୍ୟାୟମୂର୍ତ୍ତି*

*ଏମ୍.କେ.ପଣ୍ଡା/ପିଏ*

HIGH COURT ORISSA

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**